ପ୍ରେସ୍ ନୋଟ୍

# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ବିଦାୟକାଳିନ ସମ୍ବର୍ଦ୍ଧନା ।

ଅନୁଗୋଳ, ତା,୩୦.୧୧:- ଦୀର୍ଘ ୨୬ ବର୍ଷ ୪ ମାସ ସରକାରୀ ଚାକିରୀରେ ସୁଚାରୁରୁପେ ଦାୟିତ୍ୱ ନିର୍ବାହ କରି ଆଜି କାର୍ଯ୍ୟରୁ ଅବସର ନେଲେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଶରତ ଚନ୍ଦ୍ର ସେଠୀ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ସିମୀତ କର୍ମଚାରୀଙ୍କୁ ନେଇ ସାମାଜିକ ଦୂରତା ଅବଲମ୍ବନ କରାଯାଇ ନୂତନ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ତାଲଚେର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ସୌରଭ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କର୍ମଚାରୀମାନେ ଶ୍ରୀ ସେଠୀ ଓ ତାଂକ ସହିତ ଜଣେ ପିଅନ ଶ୍ରୀ କ୍ଷୀରୋଦ କୁମାର ଦେବତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜଣାଇଥିଲେ । ନିଷ୍ଠାର ସହିତ ଦାୟିତ୍ୱ ନିର୍ବାହ କରି ପ୍ରତ୍ୟେକ ସରକାରୀ ଯୋଜନାର ରୂପରେଖକୁ ଗଣମାଧ୍ୟମ ଜରିଆରେ ଲୋକମାନଂକ ନିକଟରେ ପହଞ୍ଚାଇ ଏହି ବିଭାଗକୁ ଅଧିକ କ୍ରିୟାଶୀଳ କରିବାକୁ ବିଦାୟୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହା ପୂର୍ବରୁ ଶ୍ରୀ ସେଠୀ ରାଉରକେଲା ଲୋକ ସମ୍ପର୍କ ଜିଲ୍ଲା ଅଧିନସ୍ଥ ବଣାଇରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ୧୧ ବର୍ଷ ଓ ବରଗଡ ଜିଲ୍ଲା ଅଧିନସ୍ଥ ପଦ୍ମପୁର ଉପଖଣ୍ଡରେ ୩ ବର୍ଷ ସଫଳତାର ସହିତ ଦାୟିତ୍ୱ ନିର୍ବାହ କରିଛନ୍ତି । ୨୦୦୮ ମସିହାରୁ ଆଜି ପର୍ଯ୍ୟନ୍ତ ଶ୍ରୀ ସେଠୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ଅନୁଗୋଳରେ ନିଷ୍ଠାର ସହିତ ଦାୟିତ୍ୱ ନିର୍ବାହ କରିବା ସହ କର୍ମଚାରୀମାନଙ୍କୁ ନେଇ ଏକ ଦଳୀୟ ମନୋଭାବରେ ସମସ୍ତ କାର୍ଯ୍ୟ ସୁଚାରୁରୁପେ ପରିଚାଳନା କରୁଥିଲେ । ବିଦାୟୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜଣେ ମେଳାପୀ,କର୍ତ୍ତବ୍ୟ ନିଷ୍ଠ ଅଧିକାରୀ ଭାବେ ଜିଲ୍ଲା ପ୍ରଶାସନ ଓ ଗଣମାଧ୍ୟମ ମଧ୍ୟରେ ଏକ ସେତୁ ଭଳି କାର୍ଯ୍ୟ କରି ଲୋକ ପ୍ରିୟତା ହାସଲ କରିଛନ୍ତି ବୋଲି ଦାୟିତ୍ୱ ଗ୍ରହଣ କରିଥିବା ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରକାଶ କରିଥିଲେ । ଜିଲ୍ଲା କାର୍ଯ୍ୟାଳୟର ବରିଷ୍ଠ କିରାଣି ଅନସୁୟା ନାୟକ, ରେଡିଓ ଇନିସ୍‌ପେକ୍ଟର ଦୀପାଲି ମହାରଣା,ଷ୍ଟେନୋ ଶ୍ରୀ ରଞ୍ଜନ କୁମାର ବିଶ୍ୱାଳ, ଗ୍ରନ୍ଥାଗାରିକ ମିନତୀ ଦାସ, ଆଠମଲ୍ଲିକ ଉପଖଣ୍ଡର ଗ୍ରନ୍ଥାଗାରିକ ଶ୍ରୀ ସର୍ବେଶ୍ୱର ମଲ୍ଲିକ ଓ ବାମୁର ଗ୍ରନ୍ଥାଗାରିକ ଶ୍ରୀ ପ୍ରହଲ୍ଲାଦ ଦେହୁରୀ ବିଦାୟୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବରେ ତାଂକର ନିର୍ଭିକ ଓ ନିରପେକ୍ଷ କାର୍ଯ୍ୟଦକ୍ଷତା ପ୍ରଶାସନିକ ଯୋଗାଯୋଗ, ସାମ୍ବାଦିକମାନଂକ ପ୍ରତି ଆଦର ଓ ସହଯୋଗିତା ପାଇଁ ସେ ବେଶ୍ ପ୍ରଶଂସିତ ବୋଲି ପ୍ରକାଶ କରିଥିଲେ । ଏହାଛଡା ତାଂକର ସମୟାନୁବର୍ତ୍ତିତା,ସାଙ୍ଗଠନିକ ଓ ଗଠନମୂଳକ ଚିନ୍ତାଧାରା ସହ ତାଂକୁ ଜଣେ ଧିର,ଶାନ୍ତ,ନମ୍ର,ଆଦର୍ଶବାଦୀ ଓ ମିଷ୍ଟଭାଷୀ ଭାବେ ଅଭିହିତ କରିଥିଲେ । ତାଂକର ୧୨ ବର୍ଷର ରହଣି ଭିତରେ କର୍ମଚାରୀମାନଂକ ପ୍ରତି ଥିବା ତାଂକର ସ୍ନେହ ଶ୍ରଦ୍ଧା ଓ ଆଦର ତାଂକୁ ସ୍ମରଣୀୟ କରି ରଖିବ । ଏହାଛଡା ତାଂକର ଉତ୍ତୋରତ୍ତର ଉନ୍ନତି ସହ ଭବିଷ୍ୟତ ଜୀବନ ସୁଖମୟ ଓ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ । ସେହିପରି ୧୯୮୫ ମସିହାରୁ ଦୀର୍ଘ ୩୫ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଦାୟିତ୍ୱ ନିର୍ବାହ କରି ଆଜି ଅବସର ନେଇଥିବା ଶ୍ରୀ ଦେବତାଙ୍କର ମଧ୍ୟ ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।**

ଜ୍ଞାପକ ସଂଖ୍ୟା. ୭୮୬ ତା.୩୦.୧୧.୨୦୨୦ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରା। ।

୩୦/୧୧/୨୦୨୦

ଭା। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ



